## ସାହିତ୍ୟ ଅକାଦେମି ପକ୍ଷରୁ ବ୍ୟକ୍ତି ଓ ବହି କାର୍ଯ୍ୟକ୍ରମ

# ବହି ପ୍ରତ୍ୟେକ କ୍ଷେତ୍ରକୁ ଆଲୋକିତ କରିଛି: ବିଶ୍ୱଭୂଷଣ

ଭୁବନେଶ୍ୱର, ୨୮।୩ (ଇମିସ): ଜାତୀୟ ଚେତନାକୁ ଉଦ୍‌ବୁଦ୍ଧ କରିଥିବା ବହିଗୁଡ଼ିକ ମୋତେ ସବୁଠାରୁ ଅଧିକ ପ୍ରଭାବିତ କରିଛି। ମୋ ବାପା ପର୍ଶୁରାମ ହରିଚନ୍ଦନଙ୍କଠାରୁ ଆରମ୍ଭ କରି ଗୋଦାବରୀଶ ମହାପାତ୍ର, ଫକୀର ମୋହନ ସେନାପତି, ରାଧାନାଥ ରାୟ, ଗୋପବନ୍ଧୁ ଦାସ ଆଦି ବରେଣ୍ୟ ଲେଖକଙ୍କ ଗଳ୍ପ, ଉପନ୍ୟାସ, କାବ୍ୟ, କବିତା ମୋତେ ଖୁବ୍ ଆନ୍ଦୋଳିତ କରିଛି। ସେ କାଳଜୟୀ ଲେଖାଗୁଡ଼ିକରେ ଜାତିର ସ୍ୱାଭିମାନ ଓ ପ୍ରଗତି ପାଇଁ ଆହ୍ୱାନ ରହିଛି। ସେଭଳି ଲେଖା ଖାଲି ମୋତେ ନୁହେଁ, ପୂରା ସମାଜକୁ ଖୁବ୍ ପ୍ରଭାବିତ କରିଛି। କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଜୟଦେବ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମ 'ବ୍ୟକ୍ତି ଓ ବହି'ରେ ଯୋଗଦେଇ ଏହା କହିଛନ୍ତି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ତଥା ବିଶିଷ୍ଟ ସାହିତ୍ୟିକ ବିଶ୍ୱଭୂଷଣ ହରିଚନ୍ଦନ।

ଏହି ସାରସ୍ୱତ କାର୍ଯ୍ୟକ୍ରମରେ ରାଜ୍ୟପାଳ ଶ୍ରୀ ହରିଚନ୍ଦନ ଆହୁରି କହିଥିଲେ ଯେ ପୁସ୍ତକ ସମାଜର ପ୍ରତ୍ୟେକ କ୍ଷେତ୍ରକୁ ଆଲୋକିତ କରିଛି। ଜ୍ଞାନ ସଂପ୍ରସାରଣରେ ପୁସ୍ତକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ସାହିତ୍ୟିକ, ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ସୃଷ୍ଟି କରିବା ସହ ବିପ୍ଳବୀ ତିଆରି କରିବାରେ ମଧ୍ୟ ପୁସ୍ତକର ଭୂମିକା ରହିଛି। ବାପା ପର୍ଶୁରାମ ହରିଚନ୍ଦନ ଜଣେ ସାହିତ୍ୟିକ ଥିଲେ। ପ୍ରତିଦିନ ସେ ପୁସ୍ତକ ପଢୁଥିଲେ।



ତାଙ୍କର ଜାତୀୟତାବାଦ ଚିନ୍ତାଧାରା ରହିଥିଲା। ଜାତି ଓ ମାଟିକୁ ନେଇ ପୁସ୍ତକ ରଚନା କରୁଥିଲେ। ଓଡ଼ିଶା ସୀମା ଆନ୍ଦୋଳନ ଉପରେ ଆଧାରିତ ବାପାଙ୍କ 'ଛିନ୍ନାଙ୍ଗି' ପୁସ୍ତକ ସେ ସମୟରେ ମୋତେ ବହୁତ ପ୍ରଭାବିତ କରିଥିଲା। ଫକୀରମୋହନ ସେନାପତିଙ୍କ ଛମାଣ ଆଠଗୁଣ୍ଠ, ଲଛମା, ମାମୁଁ ଭଳି ପୁସ୍ତକ ମୁଁ ପଢ଼ିଛି। ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ' କବିତାର 'ଉଠ କଙ୍କାଳ, ଛିଡୁ ଶୃଙ୍ଖଳ, ଜାଗ ଦୁର୍ବଳ ଆଜି, ଉଠୁ ଗତ ଗୌରବ, ହୃତ ଗୌରବ, ମୃତ ଗୌରବ ରାଜି' ମୋ ଭଳି ଅନେକଙ୍କୁ ପ୍ରଭାବିତ କରିଛି।

ସେତେବେଳେ ସନ୍ଧ୍ୟା ସମୟରେ ଗାଁରେ ପଢ଼ାଯାଉଥିବା ରାମାୟଣ, ମହାଭାରତ ଶୁଣିଛନ୍ତି। ମହାଭାରତରେ ଦ୍ରୌପଦୀ ବସ୍ତ୍ରହରଣ ଭଳି କିଛି ପ୍ରସଙ୍ଗ ତାଙ୍କ ମନକୁ ଆନ୍ଦୋଳିତ କରିଛି। ଫଳରେ ସେ ପରବର୍ତ୍ତୀ ସମୟରେ ଉକ୍ତ ପ୍ରସଙ୍ଗ ଉପରେ ପୁସ୍ତକ ରଚନା କରିଛନ୍ତି। ସମାଜ ଆମର, ଦେଶ ଆମର, ସଚେତନ ନାଗରିକ ଭାବରେ ସମାଜକୁ ତିଆରି କରିବା ଦାୟିତ୍ୱ ବି ଆମର ବୋଲି କହିଛନ୍ତି। ସେ ଆଜି ବି ଲେଖା ଲେଖି ଜାରି ରଖିଛନ୍ତି। କାର୍ଯ୍ୟକ୍ରମ ଆରମ୍ଭରେ ସାହିତ୍ୟ ଅକାଦେମିର ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେବା ସହ ରାଜ୍ୟପାଳ ଶ୍ରୀ ହରିଚନ୍ଦନଙ୍କ ପରିବାର, ବ୍ୟକ୍ତିତ୍ୱ, ସାହିତ୍ୟିକ ଜୀବନ, ସୃଷ୍ଟି ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂ ଧନ୍ୟବାଦ ଦେବା ସହ ଶ୍ରୀ ହରିଚନ୍ଦନଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ ଓଡ଼ିଶାର ସମ୍ମାନକୁ ବୃଦ୍ଧି କରୁଛି ବୋଲି କହିଥିଲେ। ଏହି ଉତ୍ସବରେ ବହୁ ପ୍ରଖ୍ୟାତ ସାହିତ୍ୟିକ, ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।




ଭୁବନେଶ୍ୱର ସୂଚନା ଭବନଠାରେ ସୋମବାର ସାହିତ୍ୟ ଏକାଡେମୀ ପକ୍ଷରୁ ଆୟୋଜିତ 'ବ୍ୟକ୍ତି ଏବଂ ପୁସ୍ତକ' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟମାନେ ।

# କେନ୍ଦ୍ର ସାହିତ୍ୟ ଏକାଡେମୀର 'ବ୍ୟକ୍ତି ଓ ବହି' କାର୍ଯ୍ୟକ୍ରମ

# ଜାତୀୟ ଚେତନା ଉଦ୍‌ବୁଦ୍ଧ କରାଇବାରେ ବହି ଗୁରୁତ୍ୱପୂର୍ଣ୍ଣ




ଭୁବନେଶ୍ୱର,୨୮।୩(ବ୍ୟୁରୋ): ଜାତୀୟ ଚେତନା ଉଦ୍‌ବୁଦ୍ଧ କରାଇବାରେ ବହିର ଭୂମିକା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଦେଶର ସ୍ୱାଧୀନତା ଆନ୍ଦୋଳନ ସମୟରେ ରଚିତ ସାହିତ୍ୟ ତଥା ସେ ସମୟର ଇତିହାସ ମୋ ଜୀବନରେ ଖୁବ୍ ପ୍ରଭାବ ପକାଇଛି। ବାପା ପର୍ଶୁରାମ ହରିଚନ୍ଦନଙ୍କ ଠାରୁ ଆରମ୍ଭ କରି ଗୋଦାବରୀଶ ମହାପାତ୍ର, ଫକୀରମୋହନ ସେନାପତି, ରାଧାନାଥ ରାୟ, ଉତ୍କଳମଣି ଗୋପବନ୍ଧୁ ଦାସ, ମଧୁସୂଦନ ଦାସ ଆଦି ଯୁଗଜନ୍ମା ଲେଖକଙ୍କ ଗଳ୍ପ, ଉପନ୍ୟାସ ଏବଂ କାବ୍ୟ କବିତା ମୋ ହୃଦୟକୁ ଆନ୍ଦୋଳିତ କରିଛନ୍ତି। ଜାତିର ଉତ୍ଥାନ ପାଇଁ ଆହ୍ୱାନ ଥିବା ରଚନାଗୁଡ଼ିକର ଆବେଦନ ସର୍ବକାଳୀନ। ଏଭଳି ଲେଖାଗୁଡ଼ିକ କେବଳ ମୋତେ ନୁହେଁ, ବରଂ ସମଗ୍ର ସମାଜକୁ ପ୍ରଭାବିତ କରିଥାଏ। କେନ୍ଦ୍ର ସାହିତ୍ୟ ଏକାଡେମୀର 'ବ୍ୟକ୍ତି ଓ ବହି' କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ତଥା ବିଶିଷ୍ଟ ସାହିତ୍ୟିକ ବିଶ୍ୱଭୂଷଣ ହରିଚନ୍ଦନ। ସାହିତ୍ୟ ଏକାଡେମୀର ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତ ଭାଷଣ ଦେଇ 'ବ୍ୟକ୍ତି ଓ ବହି' କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

ନିଜ ଜୀବନରେ ବହିର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖି ଶ୍ରୀ ହରିଚନ୍ଦନ କହିଥିଲେ, ବିଶିଷ୍ଟ କବିମାନଙ୍କ କାଳଜୟୀ ରଚନା ମୋତେ ଆନ୍ଦୋଳିତ କରିଛି। ବିଶେଷକରି ବାପା ପର୍ଶୁରାମ ହରିଚନ୍ଦନଙ୍କ ରଚନା 'ଛିନ୍ନାଙ୍ଗୀ' ମୋତେ ପିଲାବେଳରୁ ପ୍ରଭାବିତ କରିଥିଲା। ଏପରିକି ରାମାୟଣ ଓ ମହାଭାରତର କେତେକ ପ୍ରସଙ୍ଗ ଏଭଳି ପ୍ରଭାବିତ କରିଛି ଯେ ତାହାକୁ ନେଇ ନାଟକ ଏବଂ ଏକାଙ୍କିକା ରଚନା କରିଛି। ଜାତିର ସ୍ୱାର୍ଥ, ସାଧାରଣ ମଣିଷର କଥା, ମା' ଓ ମାଟିର କଥା ଯେଉଁସବୁ ଲେଖାରେ ଭରି ରହିଛି ସେସବୁ ଖୁବ୍ ଆନ୍ଦୋଳିତ କରିଥାଏ ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମ ଶେଷରେ ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ଧନ୍ୟବାଦ ଦେଇଥିଲେ। ଏଥିରେ ବହୁ ବିଶିଷ୍ଟ ସାହିତ୍ୟିକ, ଗବେଷକ ଏବଂ ସାହିତ୍ୟପ୍ରେମୀ ବ୍ୟକ୍ତି ଯୋଗ ଦେଇଥିଲେ।

# ସାହିତ୍ୟ ଏକାଡେମୀ ପକ୍ଷରୁ 'ବ୍ୟକ୍ତି ଓ ବହି'

ଭୁବନେଶ୍ୱର,୨୮।୩(ସମିସ): ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନରେ ଆୟୋଜିତ 'ବ୍ୟକ୍ତି ଓ ବହି' କାର୍ଯ୍ୟକ୍ରମରେ ଯୋଗଦେଇ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ନିଜ ଜୀବନରେ ବହିର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖି ସେ କହିଥିଲେ ଯେ, ପୁସ୍ତକର ପ୍ରାସଙ୍ଗିକତା ସବୁ ସମୟରେ ରହିଛି। ପୁସ୍ତକ ସାହିତ୍ୟ, ରାଜନୀତି ଓ ବିପ୍ଳବକୁ ଜନ୍ମ ଦେଇଛି ବୋଲି ଶ୍ରୀ ହରିଚନ୍ଦନ କହିଥିଲେ। ଏହି ଅବସରରେ ସ୍ନାତକୋତ୍ତର ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ ମିଳିତ ସହଯୋଗରେ 'ଏକବିଂଶ ଶତାବ୍ଦୀର ଓଡ଼ିଆ ସମାଲୋଚନା ସାହିତ୍ୟ: ପଦ୍ଧତି ଓ ଆଭିମୁଖ୍ୟ' ସମ୍ମାନ ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଏହି ସମ୍ମାନକୁ ଉଦଘାଟନ କରିଥିଲେ। ଏଥିରେ ସମାଲୋଚକ ପ୍ରଫେସର ଦାଶରଥୀ ଦାସ, ସମ୍ମାନିତ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକଙ୍କ ସମେତ ବିଶିଷ୍ଟ ଗବେଷକ, ଲେଖକ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ବିଜୟାନନ୍ଦ ସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପ୍ରାରମ୍ଭରେ ସାହିତ୍ୟ ଏକାଡେମୀ ନୂଆଦିଲ୍ଲୀର ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତଭାଷଣ ଦେଇଥିଲେ।



# ସାହିତ୍ୟ ଅକାଦେମିର ବ୍ୟକ୍ତି ଓ ବହି କାର୍ଯ୍ୟକ୍ରମ

## 'ଗଳ୍ପ, ଉପନ୍ୟାସ ଓ କବିତା ହୃଦୟକୁ ଆନ୍ଦୋଳିତ କରିଛି'




ଭୁବନେଶ୍ୱର,୨୮ ।୩(ଆ.ପ୍ର): ଦେଶର ସ୍ୱାଧୀନତା ଆନ୍ଦୋଳନ ସମୟରେ ରଚିତ ସାହିତ୍ୟ ତଥା ସେ ସମୟର ଇତିହାସ ମୋ ଜୀବନରେ ଖୁବ୍ ପ୍ରଭାବ ପକାଇଛି । ଗୋଦାବରୀଶ ମହାପାତ୍ରଙ୍କଠାରୁ ଆରମ୍ଭ କରି ଫକିରମୋହନ ସେନାପତି, ରାଧାନାଥ ରାୟ, ଉତ୍କଳମଣି ଗୋପବନ୍ଧୁ ଦାସ, ମଧୁସୂଦନ ଦାସ ଏବଂ ବାପା ପଶୁରାମ ହରିଚନ୍ଦନଙ୍କ ଗଳ୍ପ, ଉପନ୍ୟାସ ଏବଂ କାବ୍ୟ କବିତା ମୋ ହୃଦୟକୁ ଆନ୍ଦୋଳିତ କରିଛି ବୋଲି କହିଛନ୍ତି ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ । କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଜୟଦେବ ଭବନରେ 'ବ୍ୟକ୍ତି ଓ ବହି' କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ହରିଚନ୍ଦନ କହିଲେ ଯେ, ଗୋଦାବରୀଶ ମହାପାତ୍ରଙ୍କ 'ଉଠ କଙ୍କାଳ ଛିନ୍ଦୁ ଶୃଙ୍ଖଳ ଜାଗ ଦୁର୍ବଳ ଆଜି', ଗୋପବନ୍ଧୁଙ୍କ 'ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶବାସୀ ଚାଲିଯାଆନ୍ତୁ ପିଠିରେ' ତଥା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜାତି 'ନନ୍ଦିଘୋଷ ଚଳିବ କି ଭାଇ ସ୍ୱାର୍ଥକୁ ସାରଥି କଲେ' ଆଦି କାଳଜୟୀ ରଚନା ଖୁବ୍ ପ୍ରଭାବ ପକାଇଛି । ସେହିପରି ବାପା ପରଶୁରାମ ହରିଚନ୍ଦନଙ୍କ ରଚନା 'ଛିନ୍ନାଙ୍ଗୀ' ମତେ ପିଲାବେଳରୁ ପ୍ରଭାବିତ କରିଥିଲା । ଜାତିର ସ୍ୱାର୍ଥ, ସାଧାରଣ ମଣିଷର କଥା, ମା ଓ ମାଟିର କଥା ଯେଉଁସବୁ ଲେଖାରେ ଭରି ରହିଛି ସେସବୁ ମୋତେ ଖୁବ୍ ଆନ୍ଦୋଳିତ କରିଥାଏ । ସାହିତ୍ୟ ଅକାଦେମିର ସଚିବ କେ. ଶ୍ରୀନିବାସରାଓ ସ୍ୱାଗତ ଭାଷଣ ଦେଇ ବ୍ୟକ୍ତି ଓ ବହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ । ସାହିତ୍ୟ ଅକାଦେମିର ଓଡ଼ିଆ ଉପଦେଷ୍ଟାମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।